


# ସତ୍ୟବାଣୀ

(THE VOICE OF TRUTH)

JANUARY - FEBRUARY
2004

**AN ORIYA BIMONTHLY BULLETIN**
**PUBLISHED BY THE CHURCH OF CHRIST**



# THE VOICE OF TRUTH

Edited & Published By
*Joshua & Kabita Gootam*

**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884-2363722

**Vol. 9. JANUARY & FEBRUARY 2004 (No. 1)**

**Published every two months
in Oriya Language for the Restoration of pure
New Testament Christianity**

**Watch *SATYA VANI* on Teja Channel Every Saturday at 6:30 a.m. inTelugu Language.**

**Speaker : JOSHUA GOOTAM**

---

**Write for free Bible Correspondence Course in Telugu & Oriya to :**

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - IX KAKINADA JAN.-FEB.


## ଈଶ୍ୱରଙ୍କ ପୁତ୍ର
## (The Son of God)

ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ବାଇବଲ ସରଳଭାବରେ ବୁଝାଇଦିଏ । ଏହି ବିଷୟ କେତେକ ଲୋକେ ଗ୍ରହଣ କରି ପାରିବେ ନାହିଁ ବୋଲି ଭାବନ୍ତି । ସେମାନେ ପ୍ରଶ୍ନ କରନ୍ତି ଓ ଅସ୍ୱୀକାର ମଧ୍ୟ କରନ୍ତି । ସେମାନଙ୍କ ସମସ୍ୟା ହେଲା ସେମାନେ ମନୁଷ୍ୟ ଭାବନାନୁଯାୟୀ ବୁଝିବାକୁ ଚେଷ୍ଟା କରନ୍ତି । ସେମାନଙ୍କର ପ୍ରଶ୍ନ ହେଲା, ''ଈଶ୍ୱରଙ୍କର କିପରି ପୁତ୍ର ରହିପାରନ୍ତି ?'' ସେମାନଙ୍କ ଯୁକ୍ତି ହେଲା, ''ଯଦି ଈଶ୍ୱରଙ୍କ ପୁତ୍ର ଅଛନ୍ତି ତାଙ୍କର ଭାର୍ଯ୍ୟା ମଧ୍ୟ ଥିବେ ।'' ତେଣୁ ଏହା ଏକ ଅସଙ୍ଗତ ଉକ୍ତିଭାବେ ଆପଣା ମନରୁ ପୋଛି ଦିଅନ୍ତି । ହେଲେ ଆମ୍ଭେମାନେ ଏହି ବିଷୟକୁ ପୁନର୍ବାର ଖୋଲି ଏହାର ପ୍ରକୃତତା ସନ୍ଧାନ କରିବା ।

ଜଣେ ଈଶ୍ୱରଙ୍କ ପୁତ୍ର କିପରି ହୋଇପାରିବ, ଏହି ବିଷୟରେ ବାଇବଲରେ କଅଣ ଲେଖା ଯାଇଅଛି ପ୍ରଥମେ ବିଶ୍ଳେଷଣ କରିବା ।

୧. ଈଶ୍ୱର ପ୍ରତ୍ୟେକ ମନୁଷ୍ୟକୁ ସୃଷ୍ଟି କରିଥିବାରୁ ଶାରୀରିକ ଭାବେ ପ୍ରତ୍ୟେକ ମନୁଷ୍ୟ ଈଶ୍ୱରଙ୍କ ପୁତ୍ର ବୋଲି ଆମ୍ଭେ କହିପାରିବା । ଆଦିପୁସ୍ତକ ୬:୨ ପଦରେ ଏହି ବିଷୟ ପ୍ରମାଣିତ ହୁଏ । ମନୁଷ୍ୟ ଈଶ୍ୱରଙ୍କଠାରୁ ଜାତ (ପ୍ରେରିତ ୧୭:୨୮) ତେଣୁ ଜଣେ ଧାର୍ମିକ ହେଉ ବା ଅଧାର୍ମିକ ହେଉ ଈଶ୍ୱରଙ୍କ ଆରାଧନା କରୁ ବା ନକରୁ, ଦେହ ଓ ଆତ୍ମାରେ ସେ ଈଶ୍ୱରଙ୍କ ସୃଷ୍ଟି ଏବଂ ଏହି ସଂସାରରେ ଈଶ୍ୱରଙ୍କ ପୁତ୍ର ରୂପେ ଗଣିତ ହୁଏ । ମନୁଷ୍ୟ ପାପ କରିବା ଦ୍ୱାରା ସୃଷ୍ଟିକର୍ତ୍ତାଙ୍କ ଠାରୁ ଦୂରେଇ ଯାଇଅଛି । ତେଣୁ କରି ପରିତ୍ରାଣ ପାଇବା ନିମନ୍ତେ ତାଙ୍କ ନିକଟକୁ ଫେରି ଆସିବା ଆବଶ୍ୟକ । (ଏଫିସୀ ୨:୧୬, କଲସୀ ୧:୧୪)

୨. ଈଶ୍ୱର ଈଶ୍ରାୟେଲ ଜାତିକୁ ଆପଣାର ପୁତ୍ର ବୋଲି କହିଲେ । ପ୍ରକୃତରେ ସେମାନେ ଶାରୀରିକ ଓ ଆତ୍ମିକଭାବେ ମନୋନୀତ ଲୋକ ଥିଲେ । ''ପୁଣି ତୁମ୍ଭେ ଫାରୋଙ୍କୁ କହିବ, ସଦାପ୍ରଭୁ କହନ୍ତି, ଈଶ୍ରାୟେଲ ଆମ୍ଭର ପୁତ୍ର, ଆମ୍ଭର ଜ୍ୟେଷ୍ଠପୁତ୍ର, ଆମ୍ଭେ ତୁମକୁ କହିଅଛୁଁ, ଆମ୍ଭର ସେବା କରିବା ପାଇଁ ତୁମ୍ଭେ ଆମ୍ଭର ପୁତ୍ରକୁ ଛାଡ଼ି ଦିଅ ମାତ୍ର ତୁମ୍ଭେ ତାହାକୁ

ଛାଡ଼ିବାକୁ ନାସ୍ତି କରିଅଛ, ଦେଖ, ଆମ୍ଭେ ତୁମ୍ଭ ପୁତ୍ରକୁ, ତୁମ୍ଭ ଜ୍ୟେଷ୍ଠ ପୁତ୍ରକୁ ବଧ କରିବା । (ଯାତ୍ରା ୪:୨୨-୨୩)

୩. ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଜଣେ ଆତ୍ମିକ ଭାବେ ଈଶ୍ୱରଙ୍କ ପୁତ୍ର ହୋଇପାରେ । "ଯେଣୁ ଯେତେ ଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ।" (ରୋମୀୟ ୮:୧୪) । "କିନ୍ତୁ ମୁଁ କହୁଅଛି, ଯେତେ ଦିନ ପର୍ଯ୍ୟନ୍ତ ସେ ସମସ୍ତ ବିଷୟର କର୍ତ୍ତା ହେଲେ ହେଁ କୌଣସି ପ୍ରକାରେ ଦାସ ଠାରୁ ଭିନ୍ନ ନୁହେଁ କିନ୍ତୁ ପିତାଙ୍କ ନିରୂପିତ ସମୟ ପର୍ଯ୍ୟନ୍ତ ସେ ଅଭିଭାବକ ଓ ବେବର୍ତ୍ତାମାନଙ୍କ ଅଧିନରେ ଥାଏ । ସେହିପରି ଆମ୍ଭେମାନେ ମଧ୍ୟ ଯେତେବେଳେ ନାବାଳକ ଥିଲୁ, ସେତେବେଳେ ଜଗତର ପ୍ରାଥମିକ ବିଷୟଗୁଡ଼ାକର ଦାସ ଥିଲୁ, କିନ୍ତୁ କାଳ ସମ୍ପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ, ସେ ସ୍ତ୍ରୀ ଜାତ ହୋଇ ବ୍ୟବସ୍ଥାଧୀନ ହେଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ହେଲେ, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉଁ । ଆଉ ତୁମ୍ଭେମାନେ ପୁତ୍ର, ଏଥି ସକାଶେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କ ଆତ୍ମାଙ୍କୁ ଆମ୍ଭମାନଙ୍କ ହୃଦୟକୁ ପ୍ରେରଣ କଲେ । ସେହି ଆତ୍ମା ଆବ୍ବା, ପିତଃ ବୋଲି ଡାକନ୍ତି । ଏଣୁ ତୁମ୍ଭେ ଆଉ ଦାସ ନୁହଁ, କିନ୍ତୁ ପୁତ, ପୁଣି ଯଦି ପୁତ୍ର, ତେବେ ଈଶ୍ୱରଙ୍କ କର୍ତ୍ତୃକ ଉତ୍ତରାଧିକାରୀ (ଗାଲାତୀ ୪:୧-୭)

ପୁତ୍ର ହୋଇଥିବାରୁ ଆମ୍ଭେମାନେ ଈଶ୍ୱରଙ୍କର ସନ୍ତାନଗଣ । ଯେଣୁ ଲେଖାଯାଏ, "କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ସନ୍ତାନ ହୋଇଅଛ, ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।" (ଗାଲାତୀ ୩:୨୬-୨୭), "ଅତଏବ ପ୍ରିୟ ସନ୍ତାନମାନଙ୍କ ପରି ଈଶ୍ୱରଙ୍କ ଅନୁକାରୀ ହୁଅ ।" (ଏଫିସୀ ୫:୧) "ଏଥିରେ କିଏ ଈଶ୍ୱରଙ୍କ ସନ୍ତାନ ଓ କିଏ ଶୟତାନର ସନ୍ତାନ, ଏହା ପ୍ରକାଶିତ ହୁଏ, ଯେକେହି ଧର୍ମାଚରଣ କରେ ନାହିଁ, କିଅବା ଆପଣା ଭାଇକୁ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କଠାରୁ ଜାତ ନୁହେଁ ।" (୧ମ ଯୋହନ ୩:୧୦) "ଆମ୍ଭେମାନେ ଯେତେବେଳ ତଦ୍ୱାରା ଜାଣିପାରୁ ଯେ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନମାନଙ୍କୁ ପ୍ରେମ କରୁଅଛୁଁ ।" (୨ୟ ଯୋହନ ୫:୨)

୪. ଶେଷରେ, ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ବୋଲି ଗୋଟିଏ ବିଶେଷ ଭାବରେ କୁହାଯାଏ । ତାହା ବ୍ୟକ୍ତିଗତ ଭାବ, ଯାହା ପିତା ଓ ପୁତ୍ରର ମଧ୍ୟରେ ଥିବା ବନ୍ଧନ । ପ୍ରଥମେ, ଈଶ୍ୱର ଖ୍ରୀଷ୍ଟଙ୍କୁ ଆପଣାର ପୁତ୍ର ବୋଲି ସାକ୍ଷ୍ୟ ଦେଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, "ଏ ଆମ୍ଭର ପ୍ରିୟ ପୁତ୍ର ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ ।" (ମାଥିଉ ୩:୧୭) ପୁନର୍ବାର ଈଶ୍ୱର କହିଲେ "ଏ ଆମ୍ଭର ପ୍ରିୟ ପୁତ୍ର ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର ।" (ମାଥିଉ ୧୭:୫) ପିତର ଖ୍ରୀଷ୍ଟଙ୍କୁ ଜୀବିତ ପରମେଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କଲେ । (ମାଥିଉ ୧୬:୧୬) ଜଗତର ପାପ ବହି ନେଇଯିବା ନିମନ୍ତେ ଈଶ୍ୱର ଆପଣା

ପୁତ୍ରଙ୍କୁ ମୃତ୍ୟୁ ଭୋଗିବା ନିମନ୍ତେ ପ୍ରେରଣ କଲେ । (ଯୋହନ ୩:୧୬,୧, ରୋମୀୟ ୮:୩) ଏବଂ ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ରରୂପେ ପ୍ରଚାରିତ ହେଲେ । (ପ୍ରେରିତ ୯:୨୦) । ଏହିପରି ଅନେକ ଭାବରେ ଖ୍ରୀଷ୍ଟଙ୍କୁ 1ଶ୍ୱରଙ୍କ ପୁତ୍ର ବୋଲି ପ୍ରମାଣ କରିପାରିବା, କିନ୍ତୁ ଉପର ଲିଖିତ ବିଷୟ ସବୁ ଯଥେଷ୍ଟ ।

ତେବେ ଖ୍ରୀଷ୍ଟ କିପରି ଈଶ୍ୱରଙ୍କ ପୁତ୍ର ହୋଇପାରିଲେ ? ସେ ସୃଷ୍ଟି ଆରମ୍ଭରେ ଈଶ୍ୱରଙ୍କ ସହିତ ଥିଲେ । ‘‘ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସହିତ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । ସେ ଆଦ୍ୟରେ ଈଶ୍ୱର ସହିତ ଥିଲେ ।’’ (ଯୋହନ ୧:୧-୨) ସେ ସଅଷ୍ଟି କରିବାରେ ଅଂଶଗ୍ରହଣ କଲେ । ଈଶ୍ୱର କହିଲେ, ‘‘ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦଅଶ୍ୟରେ ମନୁଷ୍ୟର ନିର୍ମାଣ କରୁ ।’’ (ଆଦି ୧:୨୬) । ଏବ୍ରୀ ପୁସ୍ତକକର୍ତ୍ତା ଲେଖିଲେ, ‘‘ଏହି ଶେଷ କାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ ।’’ (ଏବ୍ରୀ ୧:୨) । ଯୋହନଙ୍କ ଅନୁସାରେ, ‘‘ତାହାଙ୍କ ଦ୍ୱାରା ସମସ୍ତ ସଅଷ୍ଟ ହେଲା, ଆଉ ଯେ ସମସ୍ତ ସୃଷ୍ଟି ହୋଇଅଛି, ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟି ହୋଇନାହିଁ ।’’ (ଯୋହନ ୧:୩)

ଖ୍ରୀଷ୍ଟ ତ୍ରିଏକ ଈଶ୍ୱର, ଅର୍ଥାତ୍ ପିତା ଈଶ୍ୱର, ପୁତ୍ର ଖ୍ରୀଷ୍ଟ ଓ ପବିତ୍ର ଆତ୍ମାଙ୍କର ମଧ୍ୟରୁ ଜଣେ । ପାଉଲଙ୍କ ଅନୁସାରେ ‘‘... ... ଖ୍ରୀଷ୍ଟଙ୍କ ଠାରେ ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ଦେହବନ୍ତ ହୋଇ ବାସ କଲେ । ପୁଣି ସମସ୍ତ ଆଧିପତ୍ୟ ଓ କର୍ତ୍ତାପଣର ମସ୍ତକରୂପେ ଯେ ସେ ତାହାଙ୍କ ସହଭାଗିତାରେ ତୁମ୍ଭେମାନେ ପୂର୍ଣ୍ଣତା ପ୍ରାପ୍ତ ହୋଇଅଛ । କଲସୀ ୨:୯-୧୦ ରୋମୀୟ ୧:୨୦ ମଧ୍ୟ ପଢ଼ନ୍ତୁ ।

ଈଶ୍ୱର ଆତ୍ମା ହୋଇଥିବାରୁ, ଖ୍ରୀଷ୍ଟ ଆତ୍ମା ହୋଇ ତାହାଙ୍କର ସହିତ ବାସ କଲେ । ଶେଷରେ ନିର୍ଦ୍ଦିଷ୍ଟ ସମୟରେ, ପ୍ରତିଜ୍ଞାନୁଯାୟୀ ଆପଣା ପିତା ଈଶ୍ୱରଙ୍କଠାରୁ ଜଗତକୁ ଆସି କନ୍ୟା ମରିୟମ ଗର୍ଭରୁ ଜାତ ହୋଇ ମନୁଷ୍ୟରୂପୀ ହୋଇ, ଏହି ଜଗତର ପାପ ନିମନ୍ତେ ମୃତ୍ୟୁଭୋଗ କରି, ସମାଧିପ୍ରାପ୍ତ ହୋଇ, ମୃତ୍ୟୁରୁ ଉଥିତ ହୋଇ ଆପଣା ପିତାଙ୍କ ନିକଟକୁ ଫେରିଗଲେ ଏବଂ ଏବେ ପର୍ଯ୍ୟନ୍ତ ସେ ସେଠାରେ ଅଛନ୍ତି । (ମାଥିଉ ୧:୨୩, ଯୋହନ ୩:୧୭, ଗାଲାତୀ ୪:୧, ଯୋହନ ୪:୯, ୧ମ ଯୋହନ ୪:୧୪, ୧ମ କରିନ୍ଥୀ ୧୫:୧-୪, ପ୍ରେରିତ ୨ୟ ଅଧ୍ୟାୟ) ।

ଯଦିଓ ଖ୍ରୀଷ୍ଟ ଆରମ୍ଭରୁ ଈଶ୍ୱରଙ୍କ ସହିତ ଥିଲେ ଏବଂ ଅନନ୍ତ ଜୀବୀ ଦୈବିକ ଶକ୍ତିବନ୍ତ ହେଲେ ହେଁ ସେ ପିତା ଈଶ୍ୱର ନୁହନ୍ତି । ଈଶ୍ୱର ଏକ, ଖ୍ରୀଷ୍ଟ ,କ ଓ ଆତ୍ମା ଏକ (ଏଫିସୀ ୪:୧-୬) । ଯଦିଓ ସେମାନେ ,କ, ସେମାନେ ତିନି ଜଣ ବ୍ୟକ୍ତି । ପ୍ରତ୍ୟେକ୍ଙ୍କର ଗୋଟିଏ ବିଶେଷ ବ୍ୟକ୍ତିତ୍ୱ ରହିଅଛି । ପ୍ରତ୍ୟେକଙ୍କର କାର୍ଯ୍ୟ ଭିନ୍ନ । ତଥାପି ସେମାନେ ଏକ ଈଶ୍ୱରରତ୍ୱର ଭିନ୍ନ ଭିନ୍ନ ଅଂଶ ।

ଈଶ୍ୱରଙ୍କର ପୁତ୍ର ନାହାନ୍ତି ବୋଲି କହିବାରେ, ଆମେ ଈଶ୍ୱରଙ୍କ ଶକ୍ତିକୁ ସୀମିତ କରୁଅଛୁ । ଯାହା କି ଅସମ୍ଭବ । ଏହି ବିଷୟ ଆମ୍ଭେମାନେ ସମ୍ପୂର୍ଣ୍ଣଭାବେ ବୁଝିନପାରୁ, କାରଣ ଆମ୍ଭେମାନେ ଈଶ୍ୱରଙ୍କୁ ସମ୍ପୂର୍ଣ୍ଣଭାବେ ଜାଣିନାହୁଁ । ଈଶ୍ୱର ଓ ତାଙ୍କର ପୁତ୍ର ଦୈବ କିନ୍ତୁ ଆମ୍ଭେମାନେ ମନୁଷ୍ୟମାତ୍ର ବିଶ୍ୱାସ ଦ୍ୱାରା ଗ୍ରହଣ କରିବା ବିଷୟ ସବୁ ଆମେ ମନୁଷ୍ୟ ଭାବନାନୁଯାୟୀ ବୁଝିପାରିବା ନାହିଁ । ଏହା ମୋର ଓ ତୁମର ବିବେଚନାର ବାହାରେ ପ୍ରତ୍ୟେକ ବିଷୟ ଈଶ୍ୱରଙ୍କ ଲକ୍ଷ୍ୟ କରାଯାଇଅଛି, ସେ ଆମକୁ ତାଙ୍କର ପୁତ୍ର ବୋଲି ସୂଚାଏ । ସେ କହିଲେ, "ତୁମ୍ଭେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କର, ମୋ ଠାରେ ମଧ୍ୟ ବିଶ୍ୱାସ କର ।" (ଯୋହନ ୧୪:୧) ପ୍ରକୃତରେ ଆମ୍ଭେମାନେ ତାଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ଗ୍ରହଣ କରିବା, ନହେଲେ ଆମ୍ଭେମାନେ ଆମ୍ଭମାନଙ୍କ ପାପରେ ମରିବା । (ଯୋହନ ୮:୨୪)

**- J.C. Choate**

❋❋❋

# ମୋଶାଙ୍କ ଜୀବନରୁ କିଛି...

ଅମ୍ରମ ଓ ଯାକବେଦଙ୍କ ଦ୍ୱିତୀୟ ପୁତ୍ର ମୋଶାଙ୍କ ନେତୃତ୍ୱରେ, ଈଶ୍ରାୟେଲୀୟମାନେ ୪୩୦ ବର୍ଷର ମିଶର ବନ୍ଦୀତ୍ୱରୁ ମୁକ୍ତ ହୋଇଥିଲେ । ମୋଶା ଏହି ପଦର ଅର୍ଥ ଆକର୍ଷିତ (ଯାତ୍ରା ୨:୧୦) ଈଶ୍ରାୟେଲୀୟ ପ୍ରତ୍ୟେକ ପୁତ୍ର ସନ୍ତାନ ନଦୀରେ ନିକ୍ଷିପ୍ତ ହେବାର ଫାରୋଙ୍କ ଆଜ୍ଞା ଥିବାରୁ ତାହାଙ୍କ ପିତାମାତା ତାହାଙ୍କୁ ଏକ ନଳ ନିର୍ମିତ ପେଡ଼ିରେ ରଖି ନଦୀରେ ଭସାଇ ଦେଲେ ।

ମୋଶା ଚାଳିଶ ବର୍ଷ ପର୍ଯ୍ୟନ୍ତ ଫାରୋଙ୍କ ରାଜଭବନରେ ଫାରୋଙ୍କ ପୁତ୍ରରୂପେ ଲାଳିତପାଳିତ ହୋଇ, ରାଜନୀତିର ସମସ୍ତ କୌଶଳରେ ସୁ-ଶିକ୍ଷିତ ହେଲେ । ଥରେ ସେ ଏକ ମିସ୍ରୀୟ ଓ ଈଶ୍ରାୟେଲୀୟ ବିବାଦ କରିବାର ଦେଖି ସେହି ମିସ୍ରୀୟକୁ ବଧ କରି ବାଲିରେ ପୋତି ଦେଲେ । ତାହାଙ୍କ ଏହି କାର୍ଯ୍ୟ ଫାରୋଙ୍କ କ୍ରୋଧର କାରଣ ହେବାରୁ ସେ ଫାରୋଙ୍କ ସମ୍ମୁଖରୁ ପଳାଇ ମିଦିୟୋନ ଦେଶରେ ବାସ କଲେ । ଚାଳିଶି ବର୍ଷର ମୋଶା ସେଠାରେ ଯାଜକ ଯିଥ୍ରୋଙ୍କ କନ୍ୟା ସିପ୍ପୋରାଙ୍କୁ ବିବାହ କଲେ । ଚାଳିଶି ବର୍ଷ ଯାଏ ତାହାଙ୍କ ଶ୍ୱଶୂରଙ୍କ ମେଷ ପାଳନ କଲେ ।

ଦିନେ ସେ ମେଷପଲ ଘେନି ହୋରେବ ପର୍ବତ ଉପରେ ଥିବା ସମୟରେ ଗୋଟିଏ ବୁଦା ଅଗ୍ନିଶିଖାରେ ପ୍ରଜ୍ୱଳିତ ହେଲେ ସୁଦ୍ଧା ସେ ବୁଦା ନଷ୍ଟ ହେଉନଥିବାର ମୋଶା ଦେଖି, ଆଶ୍ଚର୍ଯ୍ୟାନ୍ୱିତ ହୋଇ ବୁଦାର ନିକଟବର୍ତ୍ତୀ ହେଲେ । ସେଠାରେ ସଦାପ୍ରଭୁ ପରମେଶ୍ୱର ତାହାଙ୍କୁ ଦର୍ଶନ ଦେଲେ । ବନ୍ଦୀତ୍ୱରେ ଥିବା ଈଶ୍ରାୟେଲ ସମାଜକୁ ମିଶର ଦେଶରୁ ବାହାର କରି ପ୍ରତିଜ୍ଞାତ ଦେଶ କିଣାନକୁ ଘେନିଯିବାକୁ ମୋଶାଙ୍କୁ ନିଯୁକ୍ତ କଲେ । ତାହାଙ୍କ ଜ୍ୟେଷ୍ଠଭ୍ରାତା ହାରୋଣ

ତାହାଙ୍କ ସହଯୋଗ କରିବା ପରମେଶ୍ୱରଙ୍କ ଆଦେଶ ଥିଲା ।

ସଦାପ୍ରଭୁ ବାହୁବଳ ଦ୍ୱାରା ମୋଶା ଓ ହାରୋଣ କିପରି ଫାରୋଙ୍କ ରାଜତ୍ୱରୁ ଇଶ୍ରାୟେଲୀୟମାନଙ୍କୁ ମୁକ୍ତ କରିଥିଲେ । ଏହାର ବିବରଣ ଆମ୍ଭେମାନେ ଯାତ୍ରା ପୁସ୍ତକ ୫ ପର୍ବରୁ ୧୪ ପର୍ବରେ ପଢ଼ିଥାଉଁ । ବନ୍ଦୀତ୍ୱରୁ ମୁକ୍ତ ଇଶ୍ରାୟେଲୀୟ ମାନଙ୍କୁ ସଦାପ୍ରଭୁ ମୋଶାଙ୍କ ଦ୍ୱାରା ଦଶଆଜ୍ଞା ପାଳନୀୟ ବ୍ୟବସ୍ଥା ପ୍ରଦାନ କରିଥିଲେ । ଏହି ବ୍ୟବସ୍ଥା ମୋଶାଙ୍କ ବ୍ୟବସ୍ଥା ବା ପୁରାତନ ନିୟମ ରୂପେ ପରିଚିତ । ଏହି ବ୍ୟବସ୍ଥା ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁତ୍ଥାନ ଦ୍ୱାରା ସଫଳ ହୋଇ ଲୁପ୍ତ ହୋଇଅଛି । ଖ୍ରୀଷ୍ଟ ଆପଣା ରକ୍ତ ଢ଼ାଳି ନୂତନ ନିୟମ ଆମ୍ଭମାନଙ୍କୁ ପ୍ରଦାନ କରିଅଛନ୍ତି । ମୋଶାଙ୍କ ବ୍ୟବସ୍ଥା ନୁହେଁ । କିନ୍ତୁ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ଏବେ ଆମ୍ଭମାନଙ୍କୁ ପରିତ୍ରାଣ ଦିଏ । ମୋଶାଙ୍କ ବ୍ୟବସ୍ଥା କେବଳ ଇଶ୍ରାୟେଲମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ହୋଇଥିଲା । କିନ୍ତୁ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ସର୍ବ ଜଗତର ସର୍ବଜାତି ନିମନ୍ତେ ପରିତ୍ରାଣ ଦାୟକ ଅଟେ ।

ଇଶ୍ରାୟେଲର ନେତା ମୋଶାଙ୍କ ଦ୍ୱାରା ସଦାପ୍ରଭୁ ଅନେକ ଆଶ୍ଚର୍ଯ୍ୟକର୍ମ ସାଧନ କରିଥିଲେ । ସଦାପ୍ରଭୁ ତାହାଙ୍କ ସହିତ ମୁହାଁମୁହିଁ କଥାବାର୍ତ୍ତା କରୁଥିଲେ । ତାହାଙ୍କ ଦ୍ୱାରା ସେ ଇଶ୍ରାୟେଲ ବଂଶକୁ ବ୍ୟବସ୍ଥା ପ୍ରଦାନ କରିଥିଲେ । ଏବ୍ରୀ ପୁସ୍ତକର ଲେଖକ ତାହାଙ୍କ ବିଷୟରେ କହନ୍ତି, ''ମୋଶା ଯେପରି ଈଶ୍ୱରଙ୍କ ଗୃହ ମଧ୍ୟରେ ବିଶ୍ୱସ୍ତ ଥିଲେ...'' (ଏବ୍ରୀ ୩:୨) ବିଶ୍ୱାର ଯୋଦ୍ଧାମାନଙ୍କ ବିଷୟରେ ସେ କହନ୍ତି, ''ବିଶ୍ୱାସ ଦ୍ୱାରା ମୋଶା ବୟସ ପ୍ରାପ୍ତ ହେଲା ଉତ୍ତାରେ ଫାରୋଙ୍କର କନ୍ୟାଙ୍କ ପୁତ୍ର ବୋଲି ଖ୍ୟାତ ହେବାକୁ ନାସ୍ତି କଲେ । ପୁଣି ମିଶରର ସମସ୍ତ ଧନ ଅପେକ୍ଷା ଖ୍ରୀଷ୍ଟଙ୍କ ନିନ୍ଦାର ସହଭାଗୀ ହେବା ଶ୍ରେଷ୍ଠତର ଧନ ବୋଲି ମନେ କଲେ । କାରଣ ସେ ପୁରସ୍କାର ଦାନର ସମୟ ପ୍ରତି ଦୃଷ୍ଟିପାତ କଲେ । (ଏବ୍ରୀ ୧୧:୨୪-୨୬)

ଗଣନା ପୁସ୍ତକ ୧୨:୩ ପଦରେ ବାକ୍ୟ କହେ, ''ମୋଶା ପୃଥିବୀସ୍ଥ ସମସ୍ତ ଲୋକଙ୍କ ଠାରୁ ଅତି ନମ୍ର ଥିଲେ ।'' ତାହାଙ୍କ ବିରୁଦ୍ଧରେ ହାରୋଣ ଓ ମରିୟମ ବଚସା କରିବାରୁ ସଦାପ୍ରଭୁ ସେମାନଙ୍କୁ ଦଣ୍ଡ ଦେଇଥିଲେ । (୬ ପଦରୁ ୧୬ ପଦରେ ଦେଖିପାରୁ) ସେ ସଦାପ୍ରଭୁଙ୍କ ଅତି ପ୍ରିୟପାତ୍ର ଥିଲେ । ଏହା ଉପରୋକ୍ତ ବିବରଣ ସୁସ୍ପଷ୍ଟ କରେ ।

ମୋଶା ପରମେଶ୍ୱରଙ୍କ ଏତେ ପ୍ରିୟପାତ୍ର ହେଲେ ସୁଦ୍ଧା ତାହାଙ୍କ ଏକ ଅବହେଳା ଯୋଗୁଁ ସେ କିଣାନ ଦେଶରେ ପ୍ରବେଶ କରିପାରିଲେ ନାହିଁ । ଇଶ୍ରାୟେଲ ସନ୍ତାନ ମାନେ କାଦେଶରେ ଥିବା ସମୟରେ ସେଠାରେ ସେମାନଙ୍କ ନିମନ୍ତେ ଜଳ ନଥିଲା । ତହୁଁ ସେମାନେ ମୋଶା ଓ ହାରୋଣଙ୍କ ବିରୁଦ୍ଧରେ ବଚସା କରିବାକୁ ଲାଗିଲେ । ସେଥିରେ ସଦାପ୍ରଭୁ ମୋଶାଙ୍କୁ ଶୈଳକୁ ଜଳ ଦେବା ନିମନ୍ତେ ଆଜ୍ଞା ଦେବାକୁ କହିଲେ । କିନ୍ତୁ କ୍ରୋଧାନ୍ୱିତ ମୋଶା, ଶୈଳକୁ ଆଜ୍ଞା ଦେବା ପରିବର୍ତ୍ତେ ଦୁଇଥର ଆଘାତ କଲେ । ମୋଶାଙ୍କ ଏହି ଅନାଜ୍ଞାବହତା ତାହାଙ୍କୁ ଭାରି ପଡ଼ିଲା । ସଦାପ୍ରଭୁ ତାହାଙ୍କ ଏହି କାର୍ଯ୍ୟକୁ କ୍ଷମା କରିନଥିଲେ । ମୋଶା କିଣାନ ଦେଶକୁ ପ୍ରବେଶ କରିବାରେ ବଞ୍ଚିତ ହେଲେ । (ଗଣନା ପୁସ୍ତକ ୨୦:୧-୧୨)

ବାକ୍ୟ କହେ, "ପୁଣି ଧାର୍ମିକ ବ୍ୟକ୍ତି ଯଦି କଷ୍ଟରେ ପରିତ୍ରାଣ ପାଏ, ତେବେ ଅଧାର୍ମିକ ଓ ପାପୀ ଲୋକ କେଉଁଠାରେ ମୁହଁ ଦେଖାଇବ ? (୧ମ ପିତର ୪:୧୮) "କାରଣ ଈଶ୍ୱରଙ୍କ ଗୃହ ଠାରୁ ଆରମ୍ଭ କରି ବିଚାର କରିବା ସମଗ୍ର ଉପସ୍ଥିତି । ଆଉ ଯଦି ପ୍ରଥମରେ ଆମ୍ଭମାନଙ୍କ ଠାରୁ ଆରମ୍ଭ ହୁଏ, ତେବେ ଯେଉଁମାନେ ଈଶ୍ୱରଙ୍କ ଅନାଜ୍ଞାବହ ସେମାନଙ୍କ ଅବା କଅଣ ନହେବ । (୧ମ ପିତର ୪:୧୭)

... ... ... ଆଉ ପ୍ରତ୍ୟେକ ଆଜ୍ଞାଲଙ୍ଘନ ଓ ଅବାଧ୍ୟତା ଯଥାର୍ଥ ପ୍ରତିଶୋଧ ପାଇଲା । ତେବେ ଏପରି ମହାପରିତ୍ରାଣ ଅବହେଳା କଲେ ଆମ୍ଭେମାନେ କିପରି ରକ୍ଷା ପାଇବା... ... ? (ଏବ୍ରୀ ୨:୨-୩)

ଆପଣଙ୍କ ସେହି ମହାପରିତ୍ରାଣ ପାଇବାକୁ ଇଚ୍ଛୁକ ? ଆମ୍ଭମାନଙ୍କ ସହିତ ସମ୍ପର୍କ କରନ୍ତୁ ।

- Kabita Gootam

❋❋❋

## "...ଆମ୍ଭେମାନେ ସଦାପ୍ରଭୁଙ୍କ ସେବା କରିବା..."
## (We will serve Jehovah)

ଯିହୋଶୂୟ ପୁସ୍ତକର ଶେଷ ଦୁଇ ଅଧ୍ୟାୟ, ସମସ୍ତ ମାନବ ଜାତି ନିମନ୍ତେ ଏକ ପ୍ରଧାନ ଅଧ୍ୟାୟ । ପରମେଶ୍ୱରଙ୍କ ଯୋଦ୍ଧାଙ୍କ ବିଷୟ ଭାଷଣ ଆମ୍ଭମାନଙ୍କ ପ୍ରତ୍ୟେକ ଜୀବନ ନିମନ୍ତେ ଚିରସ୍ମରଣୀୟ ଚେତାବନୀ । ତାହାଙ୍କ ମୃତ୍ୟୁ ପୂର୍ବେ ଯିହୋଶୂୟ ଇଶ୍ରାୟେଲ ସନ୍ତାନମାନଙ୍କୁ ଏକତ୍ର କରି ସେମାନଙ୍କୁ ଦେଇଥିବା ଉପଦେଶ ଏହି ଅଧ୍ୟାୟଗୁଡ଼ିକରେ ଲିଖିତ ହୋଇଅଛି । ମୋଶାଙ୍କ ମୃତ୍ୟୁ ପରେ ଯିହୋଶୂୟ ୫୦ ବର୍ଷ ପର୍ଯ୍ୟନ୍ତ ଇଶ୍ରାୟେଲର ନେତୃତ୍ୱ ଗ୍ରହଣ କରି କିଣାନ ଦେଶ ଜୟ କରି ଅଧିକାର କରିବାରେ ସାହାଯ୍ୟ କରିଥିଲେ । କିଣାନ ଦେଶର ଅଜ୍ଞାତ ଦେବତାମାନଙ୍କ ପ୍ରତି ଅନେକ ଇଶ୍ରାୟେଲୀୟମାନଙ୍କ ଆସକ୍ତି, ଯିହୋଶୂୟଙ୍କ ଅଜ୍ଞାତ ନଥିଲା । ଆପଣା ମୃତ୍ୟୁପୂର୍ବେ ଯିହୋଶୂୟ, ଇଶ୍ରାୟେଲ ସନ୍ତାନମାନଙ୍କୁ ଏକତ୍ର କରି କହିଲେ, "... ... ମାତ୍ର ମୁଁ ଓ ମୋହର ପରିଜନ, ଆମ୍ଭେମାନେ ସଦାପ୍ରଭୁଙ୍କୁ ସେବା କରିବା ।" (ଯିହୋଶୂୟ ୨୪:୧୫)

ସଦାପ୍ରଭୁ ଦତ୍ତ ସକଳ ମଙ୍ଗଳଦାନ ଓ କୃତ ଆଶ୍ଚର୍ଯ୍ୟକର୍ମ ସକଳ ଯିହୋଶୂୟ ସେମାନଙ୍କୁ ମନେ ପକାଇବା ନିମନ୍ତେ ଅନୁରୋଧ କରିଥିଲେ । ଗୃହ, ଜମି, ଦ୍ରାକ୍ଷାକ୍ଷେତ୍ର ପ୍ରଭୃତି ସଦାପ୍ରଭୁ ସେମାନଙ୍କୁ ପ୍ରଚୁରଭାବେ ଦେବା ସଙ୍ଗେ ସଙ୍ଗେ ସେମାନଙ୍କୁ ସୁରକ୍ଷାରେ ମିଶର

ଦେଶରୁ କିଣାନ ଦେଶକୁ କଢ଼ାଇ ଆଣିଥିଲେ । ମଧୁ ଓ ଦୁଗଧ ପ୍ରବାହିତ ଦେଶ ସେମାନଙ୍କ ଅଧିନସ୍ଥ ହୋଇଥିଲା । (ଗଣନା ୧୩:୨୭; ଯିହୋଶୂୟ ୫:୬) "ସେମାନେ ପୁନର୍ବାର ବିମୁଖ ହୋଇ ପରମେଶ୍ୱରଙ୍କୁ ପରୀକ୍ଷା କଲେ ଓ ଇଶ୍ରାଏଲ ଧର୍ମସ୍ୱରୂପଙ୍କୁ ବିରକ୍ତ କଲେ ।" (ଗୀତ ୭୮:୪୧)

ପାପୀ ଓ ମୂର୍ତ୍ତିପୂଜକମାନଙ୍କ ମଧ୍ୟରେ ବାସ କରି ପରମେଶ୍ୱରଙ୍କ ନିମନ୍ତେ ଠିଆ ହେବା କଷ୍ଟକର ବିଷୟ । ଆମ୍ଭମାନଙ୍କ ସୁଦୃଢ଼ ଆତ୍ମିକ ଜୀବନ ଆମ୍ଭମାନଙ୍କ ପରମେଶ୍ୱରଙ୍କ ସହିତ ଗମନାଗମନ କରିବାରେ ସାହାଯ୍ୟ କରେ । ପରମେଶ୍ୱରଙ୍କୁ ଅନୁଗମନ କରି ଆଶୀଷପ୍ରାପ୍ତ ହୋଇଥିବା ଭକ୍ତମାନଙ୍କ ଅନେକ ଉଦାହରଣ ଆମ୍ଭେମାନେ ବାଇବଲରେ ପଢ଼ିଥାଉଁ । ହେବଲ, ହନୋକ, ନୋହ ଓ ଯୋସେଫ ମାନେ ପାପ ଓ ଦୁଷ୍ଟତାର ଜଗତରେ ବାସ କଲେ ହେଁ, ଆପଣାକୁ କିପରି ପବିତ୍ର ରଖିଥିଲେ, ଆଦିପୁସ୍ତକରେ ପଢ଼ିଥାଉଁ । ପରମେଶ୍ୱରଙ୍କ ବାକ୍ୟ ପ୍ରତି ଆମ୍ଭମାନଙ୍କ କ୍ଷୁଧା, ଆମ୍ଭମାନଙ୍କୁ ଜଗତର ମଳିନତାରୁ ରକ୍ଷା କରେ । "ତୁମ୍ଭେମାନେ ଆପଣା ଆପଣା ପ୍ରାଣ ବିଷୟରେ ଅତି ସାବଧାନ ହୋଇ ସଦାପ୍ରଭୁ ତୁମ୍ଭମାନଙ୍କୁ ପ୍ରେମ କର... ... ସଦାପ୍ରଭୁଙ୍କର ଧନ୍ୟବାଦ କର, କାରଣ ସେ ମଙ୍ଗଳମୟ, କାରଣ ତାହାଙ୍କର ଦୟା ଅନନ୍ତକାଳସ୍ଥାୟୀ ।" (ଯିହୋଶୂୟ ୨୩:୧୧, ପ୍ରଥମ ବଂଶାବଳୀ ୧୬:୩୪)

ଅନେକ ପରମେଶ୍ୱରଙ୍କୁ ତ୍ୟାଗ କରି ପାପମୟ ଜଗତକୁ ଫେରି ଆସିଅଛନ୍ତି । ପରମେଶ୍ୱରଙ୍କ ପକ୍ଷତ୍ୟାଗ କରି ଶୀଘ୍ରତାନର ସପକ୍ଷ ହୋଇଛନ୍ତି । ସେମାନଙ୍କ ନିର୍ଣ୍ଣୟ ସେମାନଙ୍କ ବିନାଶର କାରଣ । ଯେଉଁମାନେ ସଦାପ୍ରଭୁଙ୍କୁ ତ୍ୟାଗ ନକରି ତାହାଙ୍କର ସେବା କରୁଅଛନ୍ତି, ସେମାନେ ଅନନ୍ତ ଜୀବନର ଅଧିକାରୀ ହେବେ । ସଦାପ୍ରଭୁଙ୍କ ଠାରେ ଆଜ୍ଞାବହତାର ଜୀବନ ଦ୍ୱାରା ଆମ୍ଭେମାନେ ଅନ୍ୟମାନଙ୍କୁ ଜୀବନର ପଥରେ ଚାଲିବାକୁ ପ୍ରଭାବିତ କରିପାରୁ । (ମାଥିଉ ୭:୧୩-୧୪) ଯିହୋଶୂୟ ଏ ବିଷୟରେ ଆମ୍ଭମାନଙ୍କ ଆଦର୍ଶ ଅଟନ୍ତି । ଜଣେ କବି କହନ୍ତି :-

Jesus calls us from the worship
of the vain World's golden star;
From each Idol that would keep us,
Saying, Christian, love me more.

- Johnny Ramsey

❋❋❋

# ଯୋଗ କିଅବା ବିୟୋଗ ନ କର

## (Neither Add or Diminish)

ଦ୍ୱିତୀୟ ବିବରଣ ୫:୩୨ ରେ ଲେଖାଯାଏ,''ଏଥି ନିମନ୍ତେ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ଯେପରି ଆଜ୍ଞା ଦେଇଅଛନ୍ତି, ତଦନୁସାରେ ପାଳନ କରିବା ପାଇଁ ମନୋଯୋଗ କରିବ, ତୁମ୍ଭେମାନେ ତହିଁର ଦକ୍ଷିଣରେ କି ବାମରେ ଫେରିବ ନାହିଁ । ମୋଶା ସଦାପ୍ରଭୁଙ୍କ ବାକ୍ୟ ପାଳନ କଲେ ଏବଂ ପରମେଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷ ପାତ୍ର ହେଲେ (ଯାତ୍ରା ୪୦:୧୬,୩୪) । ଇଶ୍ରାୟେଲମାନେ ପ୍ରାନ୍ତରରେ ଭ୍ରମଣ କରୁଥିବା ସମୟରେ ତୃଷିତ ହୋଇ, ତହୁଁ ସଦାପ୍ରଭୁ ମୋଶାଙ୍କୁ କହିଲେ,''... ... ତୁମ୍ଭେ ସେହି ଶୈଳକୁ ଆଘାତ କଲେ, ତହିଁରୁ ଜଳ ନିର୍ଗତ ହେବ, ଆଉ ଲୋକମାନେ ତାହା ପାନ କରିବେ... ...'' (ଯାତ୍ରା ୧୭:୬) । କିଛି ସମୟ ପରେ ଇଶ୍ରାୟେଲମାନଙ୍କ ନିମନ୍ତେ ପୁନର୍ବାର ଜଳର ଆବଶ୍ୟକ ପଡ଼ିଲା । ଏହି ସମୟରେ ପରମେଶ୍ୱର ମୋଶାଙ୍କୁ କହିଲେ,''...... ସେହି ଶୈଳକୁ ଆପଣା ଜଳ ଦେବା ପାଇଁ ଆଜ୍ଞା ଦିଅ......'' (ଗଣନା ୨୦:୮) । କିନ୍ତୁ ମୋଶା ଶୈଳକୁ ଆଜ୍ଞା ନ ଦେଇ ଆଘାତ କରିଥିଲେ । ''...... ଏଥିରେ ମୋଶା ହସ୍ତ ଉଠାଇ ଆପଣା ଯଷ୍ଟିରେ ସେହି ଶୈଳକୁ ଦୁଇଥର ଆଘାତ କଲେ......'' (ଗଣନା ୨୦:୧୧) । ମୋଶାଙ୍କ ଏହି ଅବଜ୍ଞତା ଯୋଗୁଁ ପରମେଶ୍ୱର କ୍ରୁଦ୍ଧ ହୋଇ ମୋଶା ଓ ହାରୋଣଙ୍କୁ କହିଲେ,''...... ତୁମ୍ଭେମାନେ ଇଶ୍ରାୟେଲ ସନ୍ତାନମାନଙ୍କ ସାକ୍ଷାତରେ ଆମ୍ଭଙ୍କୁ ପବିତ୍ର ବୋଲି ମାନ୍ୟ କରିବାକୁ ଆମ୍ଭଠାରେ ବିଶ୍ୱାସ କଲ ନାହିଁ, ଏହେତୁ ଆମ୍ଭେ ଏହି ମଣ୍ଡଳୀକି ଯେଉଁ ଦେଶ ଦେଇଅଛୁ, ସେହି ଦେଶରେ ତୁମ୍ଭେମାନେ ସେମାନଙ୍କୁ ପ୍ରବେଶ କରିବ ନାହିଁ ।'' (ଗଣନା ୨୦:୧୨)

ସଦାପ୍ରଭୁ ସାକ୍ଷ୍ୟ ସିନ୍ଦୁକ, ସ୍ଥାନାନ୍ତର କରିବାକୁ କେବଳ କାହାତୀୟ ସନ୍ତାନମାନେ ଆଜ୍ଞାପିତ ହୋଇଥିଲେ । ଉଶିୟ, ଯେ କି ଯାଦବ ବଂଶଜ ନଥିଲେ, ସାକ୍ଷ୍ୟ ସିନ୍ଦୁକ ହାତ ବଢ଼ାଇ ସ୍ପର୍ଶ କରିବାରୁ ସଦାପ୍ରଭୁ ତାହାଙ୍କୁ ଆଘାତ କରିଥିଲେ । ଉଜ୍ଜିୟ ସଦାପ୍ରଭୁଙ୍କ ଆଘାତର ତତ୍କ୍ଷଣାତ୍ ମୃତ୍ୟୁବରଣ କଲେ ।

ଲେବୀୟ ୧୦:୧ ପଦରେ ଲେଖାଯାଏ,''ହାରୋଣଙ୍କର ପୁତ୍ର ନାଦବ ଓ ଅବୀହୂ ପ୍ରତ୍ୟେକ ଆପଣା ଆପଣା ଅଙ୍ଗାରଧାନୀ ନେଇ ତହିଁରେ ଅଗ୍ନି ନେଇ ତହିଁ ଉପରେ ଧୂପ ରଖିଲେ, ପୁଣି ସଦାପ୍ରଭୁ ଯାହା ଆଜ୍ଞା କରିନଥିଲେ, ଏପରି ଇତର ଅଗ୍ନି ତାହାଙ୍କ ଛାମୁରେ ଉତ୍ସର୍ଗ କଲେ । ''ସେମାନଙ୍କଏହି କାର୍ଯ୍ୟ ସଦାପ୍ରଭୁଙ୍କ ସମ୍ମୁଖରୁ ଅଗ୍ନି ନିର୍ଗତ ହୋଇ ସେମାନଙ୍କୁ ଗ୍ରାସ କଲା ଓ ସେମାନେ ସଦାପ୍ରଭୁ ସମ୍ମୁଖରେ ମଲେ ।'' (ଲେବୀ ୧୦:୨)

ଯିହୂଦାର ରାଜା ଉଶିୟ ବଳବାନ ହୁଅନ୍ତେ, ତାଙ୍କର ଅନ୍ତଃକରଣ ଉଦ୍ଧତ ହେଲା,

ସେ ପରମେଶ୍ୱରଙ୍କ ବିରୁଦ୍ଧରେ ସତ୍ୟଲଙ୍ଘନ କଲେ, କାରଣ ସେ ଧୂପବେଦିରେ ଧୂପ ଜ୍ୱଳାଇବା ନିମନ୍ତେ ସଦାପ୍ରଭୁଙ୍କ ମନ୍ଦିରକୁ ଗଲେ । ହାରୋଣଙ୍କ ପୁତ୍ରମାନଙ୍କ ବ୍ୟତୀତ ଅନ୍ୟ କେହି ଧୂପବେଦି ଉପରେ ଧୂପ ଜଳାଇବା ନିମନ୍ତେ ସଦାପ୍ରଭୁ ଆଜ୍ଞା କରିନଥିବାରୁ, ସଦାପ୍ରଭୁଙ୍କ ଗୃହରେ ଯାଜକମାନଙ୍କ ସାକ୍ଷାତରେ ଧୂପବେଦି ନିକଟରେ ତାଙ୍କ କପାଳରେ କୁଷ୍ଠ ପ୍ରକାଶ ପାଇଲା (ଦ୍ୱିତୀୟ ବଂଶାବଳୀ ୨୬:୧୬,୧୯)

ଥରେ ଶାମୂୟେଲ ଭାବବାଦୀ ବଳିଦାନ କରିବା ନିମନ୍ତେ ଆସିବାର ବିଳମ୍ବ ହେବା ଦେଖି, ରାଜା ଶାଉଲ ଆପେ ହୋମବଳୀ ଉତ୍ସର୍ଗ କଲେ । ହୋମବଳୀ କରିବା ନିମନ୍ତେ ଯାଜକମାନେ ହିଁ ଅଧିକାରପ୍ରାପ୍ତ ହୋଇଥିବାରୁ, ଶାଉଲଙ୍କ ଏହି କାର୍ଯ୍ୟ ସଦାପ୍ରଭୁଙ୍କ ଦୃଷ୍ଟିରେ ମନ୍ଦ ଥିଲା । ଶାମୂୟେଲ ଶାଉଲଙ୍କୁ କହିଲେ,"............ତୁମ୍ଭେ ମୂର୍ଖର କର୍ମ କରିଅଛ, ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ ଯେଉଁ ଆଜ୍ଞା ଦେଇଥିଲେ, ତାହା ତୁମ୍ଭେ ପାଳନ କଲ ନାହିଁ, କରିଥିଲେ ସଦାପ୍ରଭୁ ଇଶ୍ରାୟେଲ ଉପରେ ତୁମ୍ଭର ରାଜତ୍ୱ ଏବେ ଅନନ୍ତକାଳସ୍ଥାୟୀ କରିଥାନ୍ତେ ।................ମାତ୍ର ଏବେ ତୁମ୍ଭର ରାଜ୍ୟ ସ୍ଥିର ହେବ ନାହିଁ..........." (ପ୍ରଥମ ଶାମୂୟେଲ ୧୩:୧୩,୧୨) । ପୁନର୍ବାର ସଦାପ୍ରଭୁ ଶାଉଲଙ୍କୁ ଅନ୍ୟ ଏକ ଆଦେଶ ଦେଇଥିଲେ, "............ଏବେ ତୁମ୍ଭେ ଯାଇ ଅମାଲେକକୁ ଆଘାତ କର ଓ ସେମାନଙ୍କର ସର୍ବସ୍ୱ ବର୍ଜିତ ରୂପେ ବିନାଶ କର ଓ ସେମାନଙ୍କୁ ଦୟା କର ନାହିଁ, ମାତ୍ର ପୁରୁଷ ଠାରୁ ସ୍ତ୍ରୀ ପର୍ଯ୍ୟନ୍ତ ବାଳକଠାରୁ ସ୍ତନ୍ୟପାୟୀ ଶିଶୁ ପର୍ଯ୍ୟନ୍ତ, ଗୋ ଠାରୁ ମେଷ ପର୍ଯ୍ୟନ୍ତ, ଓଟ ଠାରୁ ଗଧ ପର୍ଯ୍ୟନ୍ତ ସମସ୍ତଙ୍କୁ ବଧ କର ।" (୧ମ ଶାମୂୟେଲ ୧୫:୩) । ..........ମାତ୍ର ଶାଉଲ ଓ ଲୋକମାନେ ଆପଣା ପ୍ରତି ଉତ୍ତମ ଓ ଉତ୍ତମ ମେଷ ଓ ଗୋରୁ ପ୍ରତି ହୃଷ୍ଟପୁଷ୍ଟ ବାଛୁରୀ ଓ ମେଷଛୁଆ ପ୍ରତି ଓ ଯାବତୀୟ ଉତ୍ତମ ବସ୍ତୁ ପ୍ରତି ଦୟା କରି ଯାହା କିଛି ତୁଚ୍ଛ ଓ ରୋଗା ଥିଲା, ତାହା ସେମାନେ ବର୍ଜିତ ରୂପେ ବିନାଶ କଲେ (୯ମ) । ଶାଉଲଙ୍କ କାର୍ଯ୍ୟ ପରମେଶ୍ୱରଙ୍କ ଦୃଷ୍ଟିରେ ଅସନ୍ତୁଷ୍ଟଜନକ ଥିଲା । ଶାମୂୟେଲ ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ଶାଉଲଙ୍କୁ କହିଲେ,"ଯେହେତୁ ବିଦ୍ରୋହ ମନ୍ତ୍ରପାଠ ପାପ ତୁଲ୍ୟ ଓ ଅବାଧ୍ୟତା ଅବସ୍ତୁର ଓ ଠାକୁର ମାନର ପୂଜା ତୁଲ୍ୟ । ତୁମ୍ଭେ ସଦାପ୍ରଭୁଙ୍କ ବାକ୍ୟ ତୁଚ୍ଛ କରି ଅଛ, ଏଥିପାଇଁ ସେ ମଧ୍ୟ ତୁମ୍ଭକୁ ରାଜା ହୋଇଥିବା ପାଇଁ ତୁଚ୍ଛ କରିଅଛନ୍ତି ।" (୧ମ ଶାମୂୟେଲ ୧୫:୧୪-୨୩)

ପୂର୍ବକାଳରେ ଯାହା ଯାହା ଲେଖା ହୋଇଥିଲା, ଆମ୍ଭମାନଙ୍କର ଶିକ୍ଷା ନିମନ୍ତେ ଲେଖାଯାଇଥିଲା (ରୋମୀୟ ୧୫:୪) ଶାଉଲଙ୍କ ସଦୃଶ୍ୟ ଆମ୍ଭେମାନେ କି ବିଦ୍ରୋହଚରଣ କରୁନାହିଁ ? ପ୍ରେମମୟ ପିତା ଆଜ୍ଞା ଅମାନ୍ୟ କଲେ ଶିକ୍ଷା ଦେବେ ନାହିଁ ବୋଲି ଅନେକଙ୍କ ମନୋଭାବ । କିନ୍ତୁ ପ୍ରଭୁଯୀଶୁ କହନ୍ତି,"ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ । ସେଦିନ ଅନେକ ମୋତେ କହିବେ, ହେ ପ୍ରଭୁ, ହେ ପ୍ରଭୁ,

ଆମ୍ଭେମାନେ କି ତୁମ୍ଭ ନାମରେ ଭାବବାଣୀ କହିଲୁ ନାହିଁ ? ପୁଣି, ତୁମ୍ଭ ନାମରେ କି ଭୂତ ଛଡ଼ାଇଲୁ ନାହିଁ ? ଆଉ, ତୁମ୍ଭ ନାମରେ କି ଅନେକ ଶକ୍ତିର କାର୍ଯ୍ୟ କଲୁ ନାହିଁ ? ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟ ରୂପେ କହିବି, ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣି ନାହିଁ । ହେ ଅଧର୍ମାଚାରୀମାନେ, ମୋ' ପାଖରୁ ଦୂର ହୁଅ ।'' (ମାଥିଉ ୭:୨୧-୨୩)

- **Dr. Tualchin Neishsial**
**Manipur**

❋❋❋

# ଈଶ୍ୱର ନିଃଶ୍ୱସିତ ଧର୍ମଶାସ୍ତ୍ର

## (God's inspired Holy Scripture)

ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଲେଖନ୍ତି, ''ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ ।'' (୨ୟ ତୀମଥି ୩:୧୬) ଧର୍ମଶାସ୍ତ୍ରର ସମସ୍ତ ବାକ୍ୟ ଈଶ୍ୱରଙ୍କ ଠାରୁ ଆଗତ, ଯାହା ଉକ୍ତ ଲୋକମାନଙ୍କ ଦ୍ୱାରା ଲିଖିତ ଏହା ସମସ୍ତ ମାନବ ସମାଜ ନିମନ୍ତେ ଈଶ୍ୱରଙ୍କ ଇଚ୍ଛା ପ୍ରକଟ କରେ । ବାଇବଲ ଏକ ସାଧାରଣ ପୁସ୍ତକ ନୁହେଁ, ଏଥିରେ ଈଶ୍ୱରଙ୍କ ଇଚ୍ଛା ଓ ଆଜ୍ଞା ସର୍ବଜଗତର ସମସ୍ତ ଜାତି ନିମନ୍ତେ ଦତ୍ତ ହୋଇଛି । ଆଦି ପୁସ୍ତକରୁ ପ୍ରକାଶିତ ବାକ୍ୟ ପର୍ଯ୍ୟନ୍ତ ମୋଟ ଛଅଷଠି ପୁସ୍ତକ ଈଶ୍ୱର ନିଃଶ୍ୱସିତ । ତାହାଙ୍କ ବାଣୀ, ତାହାଙ୍କ ଇଚ୍ଛା ଓ ତାହାଙ୍କ ଶିକ୍ଷା ଏହି ପୁସ୍ତକଗୁଡ଼ିକରୁ ପ୍ରାପ୍ତ ହୋଇଥାଉଁ । ୨ୟ ତୀମଥି ୯:୧୫ରେ ପାଉଲ ତୀମଥିଙ୍କୁ ଲେଖନ୍ତି, ''ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କରି ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର । ତାହାର ଅର୍ଥ କ'ଣ ? ସମସ୍ତ ଧର୍ମଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ହେଲେ ହେଁ, ପ୍ରତ୍ୟେକ ବାକ୍ୟ ଆମ୍ଭମାନଙ୍କୁ ବର୍ତ୍ତାଏ ନାହିଁ । ଉଦାହରଣ ସ୍ୱରୂପ, ସୃଷ୍ଟି ଆରମ୍ଭରେ ସଦାପ୍ରଭୁ ଆଦମ, ନୋହ ଏବଂ ଅବ୍ରାହମ ଏବଂ ଅନ୍ୟମାନଙ୍କ ସହିତ ସାକ୍ଷାତଭାବେ ଅନେକ ଆଜ୍ଞା ଦେଇଥିଲେ । ସେମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ଆଜ୍ଞାଗୁଡ଼ିକ ଆମ୍ଭମାନଙ୍କ ପାଳନ ନିମନ୍ତେ ନୁହେଁ । ଆଦମଙ୍କୁ, ଏଦନ ଉଦ୍ୟାନର କେତୋଟି ଫଳ ନଖାଇବାକୁ ଆଜ୍ଞା ଦିଆଯାଇଥିଲା । ନୋହଙ୍କୁ ଏକ ଜାହାଜ ନିର୍ମାଣ କରିବାକୁ କୁହାଯାଇଥିଲା । ଅପଣାର ଏକମାତ୍ର ପୁତ୍ରଙ୍କୁ ବଳିଦାନ କରିବାକୁ ଅବ୍ରାହମ ଆଜ୍ଞାପ୍ରାପ୍ତ ହୋଇନଥିଲେ । ମୋଶା ଓ ଭାବବାଦୀମାନଙ୍କ ଦ୍ୱାରା ଅନେକ ବିଷୟ ସଦାପ୍ରଭୁ

ଇଶ୍ରାୟେଲମାନଙ୍କୁ ଆଜ୍ଞା ଦେଇଥିଲେ । ଯଦିଓ ସେହି ଆଜ୍ଞାଗୁଡ଼ିକ ଇଶ୍ୱର ନିଃଶ୍ୱସିତ ଓ ବାଇବଲରେ ଲିଖିତ ।  ସେ ସମସ୍ତ ଆମ୍ଭମାନଙ୍କ ପାଳିବାର୍ଥେ ନୁହେଁ । ସତ୍ୟପ୍ରଭୁଙ୍କ ବାକ୍ୟ ସତ୍‌ଭାବେ ବିଭାଜନ କରୁ ।

ଏବ୍ରୀ ପୁସ୍ତକକର୍ତ୍ତା, ଆପଣା ପୁସ୍ତକ ଏହି ବାକ୍ୟ ଦ୍ୱାରା ଆରମ୍ଭ କରନ୍ତି, ଯାହା କୁହେ, ''ଈଶ୍ୱର ପୁରାକାଳରେ ବିଭିନ୍ନ ଭାଗରେ, ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କହି କହି, ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ଆପଣା ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହନ୍ତି । ଏକ ପର୍ବତରେ ଯୀଶୁଖ୍ରୀଷ୍ଟ ଆପଣାର ତିନି ଶିଷ୍ୟ ସହିତ ଚଢ଼ି ରୂପାନ୍ତରିତ ହେବା ସମୟରେ ଭାବବାଦୀ ମୋଶା ଓ ଏଲିୟ ସେଠାରେ ଦର୍ଶନ ଦେଇଥିଲେ (ମାଥିଉ ୧୭ ପର୍ବ) ପିତର ସେମାନଙ୍କ ଉପସ୍ଥିତିରେ ଉଦ୍‌ବିଗ୍ନ ହୋଇ କହିଲେ,''ହେ ପ୍ରଭୁ, ଆମ୍ଭେମାନେ ଯେ ଏ ସ୍ଥାନରେ ଅଛୁ, ଏହା ଉତ୍ତମ, ଆପଣଙ୍କ ଇଚ୍ଛା ହେଲେ ମୁଁ ଏଠାରେ ତିନୋଟି କୁଟୀର ନିର୍ମାଣ କରିବି, ଆପଣଙ୍କ ପାଇଁ ଗୋଟିଏ, ମୋଶାଙ୍କ ପାଇଁ ଗୋଟିଏ ଓ ଏଲିୟଙ୍କ ପାଇଁ ଗୋଟିଏ । ସେ ଏହି କଥା କହୁ କହୁ ଦେଖ, ଖଣ୍ଡେ ମେଘ ସେମାନଙ୍କୁ ଆଚ୍ଛାଦନ କଲା, ଆଉ ଦେଖ, ସେହି ମେଘରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ । ଏହାଙ୍କ ବାକ୍ୟ ଶ୍ରବଣ କର ।'' (ମାଥିଉ ୧୭:୫) ଶିଷ୍ୟମାନେ ଯୀଶୁଙ୍କ ଛଡ଼ା ଆଉ କାହାରିକି ଦେଖିପାରିଲେ ନାହିଁ । ପରମେଶ୍ୱର ମୋଶା ଓ ଏଲିୟଙ୍କୁ ଉପରକୁ ଘେନି ଯାଇଥିଲେ । ପରମେଶ୍ୱର ଆପଣା ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣ କରିବାକୁ ପାଳନ କରିବାକୁ ଆଜ୍ଞା ଦେଇଥିଲେ । ଆମ୍ଭେମାନେ ଆଉ ପୁରାତନ ନିୟମାଧିନ ନୋହୁଁ କିନ୍ତୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ନୂତନ ନିୟମାଧୀନ ଅଟୁ । ପରମେଶ୍ୱର ଆପଣା ଅଦ୍ୱିତୀୟ ପୁତ୍ର ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହୁଅଛନ୍ତି । ଖ୍ରୀଷ୍ଟ ଆପଣା ନିମନ୍ତେ ଶିଷ୍ୟମାନଙ୍କୁ ମନୋନୀତ କରିଥିଲେ, ସେମାନେ 'ପ୍ରେରିତ' ନାମରେ ପରିଚିତ । ତାହାଙ୍କ ପ୍ରତିଜ୍ଞାନୁଯାୟୀ ଖ୍ରୀଷ୍ଟ, ମୃତ୍ୟୁଭୋଗୀ ପୁନଃରୁଥିତ ହେବା ପରେ ସ୍ୱର୍ଗାରୂଢ଼ ହେଲେ ଏବଂ ପ୍ରେରିତମାନଙ୍କ ଉପରେ ପବିତ୍ର ଆତ୍ମା ଢ଼ାଳି ଦେଲେ । ସ୍ୱର୍ଗାରୂଢ଼ ହେବା ପୂର୍ବରୁ ସେ ଆପଣା ଶିଷ୍ୟମାନଙ୍କୁ କହିଲେ,''ମୁଁ ତୁମ୍ଭମାନଙ୍କ ସାଙ୍ଗରେ ଥାଉ ଥାଉ ତୁମ୍ଭମାନଙ୍କୁ ଏହି ସମସ୍ତ କଥା କହିଲି । କିନ୍ତୁ ସେହି ସାହାଯ୍ୟକାରୀ ଅର୍ଥାତ୍, ଯେଉଁ ପବିତ୍ର ଆତ୍ମାଙ୍କୁ ପିତା ମୋ ନାମରେ ପ୍ରେରଣ କରିବେ, ସେ ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦେବେ, ଆଉ ମୁଁ ତୁମ୍ଭମାନଙ୍କୁ ଯାହା ଯାହା କହିଅଛି । ସେହିସବୁ ତୁମ୍ଭମାନଙ୍କୁ ସ୍ମରଣ କରାଇବେ ।'' (ଯୋହନ ୧୪:୨୫-୨୬) ସେ ପୁନର୍ବାର ପବିତ୍ର ଆତ୍ମାଙ୍କ ବିଷୟରେ କହିଲେ,''ମୋହର ତୁମ୍ଭମାନଙ୍କୁ ଆହୁରି ଅନେକ କଥା କହିବାର ଅଛି, ମାତ୍ର ତୁମ୍ଭେମାନେ ଏବେ ସେହିସବୁ ସହିପାରନାହିଁ । କିନ୍ତୁ ସେ, ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ

ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ, କାରଣ ସେ ଆପଣା ଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ, ସେହିସବୁ କହିବେ, ପୁଣି ଆଗାମୀ ବିଷୟ ସବୁ ତୁମ୍ଭମାନଙ୍କୁ ଜଣାଇବେ।'' (ଯୋହନ ୧୪:୧୨,୧୩) ଯୀଶୁଖ୍ରୀଷ୍ଟ ଶିଷ୍ୟମାନଙ୍କୁ ଛାଡ଼ି ସ୍ୱର୍ଗକୁ ଫେରିଯିବାକୁ ଉଦ୍ୟତ ହେବା ସମୟରେ, ସେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେବେ ବୋଲି ପୁନର୍ବାର ପ୍ରେରିତ ପ୍ରଥମ ପର୍ବ ୪-୮ ପଦଗୁଡ଼ିକରେ କହିଅଛନ୍ତି। ଯାହାର ସଫଳତା ଆମ୍ଭେମାନେ ପ୍ରେରିତ ୨:୧-୪ ପଦରେ ପଢ଼ିଥାଉ।

ଆମ୍ଭମାନଙ୍କ ପ୍ରତି ଈଶ୍ୱରଙ୍କ ଇଚ୍ଛା ନୂତନ ନିୟମରେ ଲିଖିତ ହୋଇଅଛି, ଯାହା କି ମନୁଷ୍ୟମାନଙ୍କୁ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ। ଯାହା ଦ୍ୱାରା ଆମ୍ଭେମାନେ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହେଉ। (୨ ତୀମଥି ୩:୧୭) ଆମ୍ଭମାନଙ୍କ ନିମନ୍ତେ ଆବଶ୍ୟକୀୟ ଜ୍ଞାନ ସଦାପ୍ରଭୁ ଧର୍ମଶାସ୍ତ୍ରରେ ଲିଖିତ କରାଇ ଅଛନ୍ତି (୨ ତୀମଥି ୩:୧୭)। ଲିଖିତ ବାକ୍ୟ ଆମ୍ଭମାନଙ୍କୁ ସିଦ୍ଧ କରେ, ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରେ ଏବଂ ପରିତ୍ରାଣ ପାଇବା ନିମନ୍ତେ ତଥା ସ୍ୱର୍ଗୀୟ ନଗରର ପ୍ରଜା ହେବା ନିମନ୍ତେ ଆମ୍ଭମାନଙ୍କୁ କଅଣ କରିବା ଆବଶ୍ୟକ। ୨ ଯୋହନ ୯-୧୧ ପଦଗୁଡ଼ିକରେ ଯେକେହି ଖ୍ରୀଷ୍ଟଙ୍କ ଶିକ୍ଷାର ସୀମା ମଧ୍ୟରେ ନରହି ତାହା ଅତିକ୍ରମ କରେ ସ ଈଶ୍ୱରଙ୍କୁ ପାଇ ନାହିଁ ବୋଲି ସ୍ପଷ୍ଟଭାବେ କୁହାଯାଏ। ଖ୍ରୀଷ୍ଟଙ୍କ ଶିକ୍ଷା ଯାହାକି ନୂତନ ନିୟମରେ ଲିଖିତ ହୋଇଅଛି ତାହା ଅନୁସରଣ ନକରିବା ଲୋକମାନଙ୍କ ସହିତ କୌଣସି ସମ୍ବନ୍ଧ ନ ରଖିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ। ଯାହା ବାକ୍ୟରେ ଲିଖିତ ହୋଇନାହିଁ ତାହା ଯଦି କେହି ଶିକ୍ଷା ଦେଉଥାଏ, ତାହା ଗ୍ରହଣ କର ନାହିଁ। ପ୍ରଚାରିତ ବାକ୍ୟଗୁଡ଼ିକ ବାଇବଲରେ ଲିଖିତ ହୋଇଅଛି କି ନାହିଁ ଅନୁସନ୍ଧାନ କରି ଅନୁସରଣ କର ! ଈଶ୍ୱରଙ୍କ ନିଃଶ୍ୱସିତ ବାକ୍ୟ ପାଳନରେ ଆମ୍ଭର ମଙ୍ଗଳ !

**- Sunny David**

❋❋❋

# କ୍ରୁଶର କଥା
## (The Word of the Cross)

''କାରଣ ବିନାଶ ପ୍ରାପ୍ତ ହେଉଥିବା ଲୋକମାନଙ୍କ ପ୍ରତି କ୍ରୁଶର କଥା ମୂର୍ଖତା ମାତ୍ର, କିନ୍ତୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଆମ୍ଭମାନଙ୍କ ପ୍ରତି ତାହା ଈଶ୍ୱରଙ୍କ ଶକ୍ତି ଅଟେ ।'' (୧ମ କରିନ୍ଥୀ ୧:୧୮)

ସ୍ୱର୍ଗ ଓ ପୃଥିବୀରେ କୁହାଯାଇଥିବା ସମସ୍ତ କଥା ଠାରୁ, କ୍ରୁଶର କଥା ଶକ୍ତିଯୁକ୍ତ ଅଟେ । (ରୋମୀୟ ୧:୧୬) । ଯିହୂଦା ଓ ଗାଲୀଲୀର ସମସ୍ତ ପ୍ରଦେଶରେ ଦୀର୍ଘ ତିନିବର୍ଷ ଧରି, ଯୀଶୁଖ୍ରୀଷ୍ଟ ଓ ତାହାଙ୍କ ଶିଷ୍ୟମାନେ, ସୁସମାଚାର ଶୀର୍ଷ ସମୟ ବିଷୟରେ ପଥ ପ୍ରସ୍ତୁତ କରିଥିଲେ । ଖ୍ରୀଷ୍ଟଙ୍କ ପୂର୍ବରୁ ବାପ୍ତିଜକ ଯୋହନ, ଖ୍ରୀଷ୍ଟଙ୍କ ନିମନ୍ତେ ପଥ ପ୍ରସ୍ତୁତ କରିଥିଲେ । ଖ୍ରୀଷ୍ଟଙ୍କ ସୁସମାଚାର ଓ କ୍ରୁଶର କଥା ତାହାଙ୍କ ଅପାଣାର ଲୋକେ ଗ୍ରାହ୍ୟ କଲେ ନାହିଁ (ଯୋହନ ୧:୧୧) । ତାହାଙ୍କ ଆପଣାର ଲୋକେ ତାହାଙ୍କୁ ଶତ୍ରୁହସ୍ତରେ ସମର୍ପଣ କଲେ ଏବଂ ବଧ କଲେ । (ପ୍ରେରିତ ୭:୫୨)

କାଲବରୀରେ ଘଟିଥିବା ଘଟଣା ଦ୍ୱାରା, ଖ୍ରୀଷ୍ଟଙ୍କ ଶତ୍ରୁମାନେ ତାହାଙ୍କ 'କଥା' ବିଲୁପ୍ତ କରିଥିଲେ ବୋଲି ମନେ କଲେ । ''ସେହି ବାଟ ଦେଇ ଯାଉଥିବା ଲୋକମାନେ ଆପଣା ଆପଣା ମୁଖ ହଲାଇ ତାହାଙ୍କର ନିନ୍ଦା କରି କହିବାକୁ ଲାଗିଲେ, ''ବାଃ ! ରେ ମନ୍ଦିର ଭଗ୍ନକାରୀ ଓ ତିନି ଦିନରେ ତାହା ନିର୍ମାଣକାରୀ, କ୍ରୁଶରୁ ଓହ୍ଲାଇ ଆପଣାକୁ ରକ୍ଷା କର ।' (ମାର୍କ ୧୫:୨୯,୩୦) । କ୍ରୁଶରେ ଯୀଶୁଙ୍କୁ ହତ କରି, ତାହାଙ୍କ 'କଥା'କୁ ସର୍ବତ ଭାବେ ମୌନ କରିପାରିଛନ୍ତି, ବୋଲି ସେମାନେ ମନେ କରିଥିଲେ । କିନ୍ତୁ ସେମାନଙ୍କ ଧାରଣା କେତେ ଭଲ ଥିଲା । ସେମାନେ ଖ୍ରୀଷ୍ଟଙ୍କୁ ଏକ ଭଣ୍ଡ ବ୍ୟକ୍ତି ବୋଲି ଭାବୁଥିଲେ, କାରଣ ସେମାନେ ଏକ 'ବିଜୟୀ ଅଧିନେତା'ଙ୍କ ଅପେକ୍ଷାରେ ଥିଲେ । କିନ୍ତୁ ଜଗତରେ ତ୍ରାଣକର୍ତ୍ତା ଜନ୍ମ ନେବାର କାଳ ସମ୍ପୂର୍ଣ୍ଣ ହୋଇଥିଲା (ଗାଲାତୀ ୪:୪,୫) ପ୍ରକୃତରେ ଜଗତ ଏକ 'ବିଜୟୀ ଅଧିନେତା' ନୁହେଁ କିନ୍ତୁ ତ୍ରାଣକର୍ତ୍ତାଙ୍କର ଆବଶ୍ୟକ କରେ । କାଲବରୀରେ 'କ୍ରୁଶର କଥା' କିଛି ସମୟ ପାଇଁ ନୀରବ ହୋଇଥିଲା । କିନ୍ତୁ ସବୁ ସମୟ ପାଇଁ ନୁହେଁ ।

କାଲବରୀର ଘଟଣାର ପଞ୍ଚାଶତମ ଦିବସରେ, ପେଣ୍ଟିକଣ୍ଟ ଦିନରେ, ଯିରୂଶାଲମରେ ପ୍ରେରିତମାନଙ୍କ ଉପରେ ପବିତ୍ର ଆତ୍ମା ଏକ ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଅବତରଣ କରିଥିଲେ । (ପ୍ରେରିତ ୧:୮, ୨:୧-୪) । କ୍ରୁଶର ଶକ୍ତିଯୁକ୍ତ 'କଥା' ପୁନର୍ବାର ପ୍ରଚାରିତ ହେବାକୁ ଆରମ୍ଭ ହେଲା । ଖ୍ରୀଷ୍ଟଙ୍କ ଦ୍ୱାରା ମନୋନୀତ ପ୍ରେରିତ ପିତର (ମାଥିଉ ୧୬:୧୮,୧୯), ପ୍ରଥମ ସୁସମାଚାର ପ୍ରସଙ୍ଗ କରିଥିଲେ । 'କ୍ରୁଶର କଥା' ପ୍ରକଟିତ ହୋଇଥିବା ପ୍ରଥମ ଦିନରେ ତିନି ସହସ୍ର ଆତ୍ମା ବିଶ୍ୱାସ କରି ବାପ୍ତିଜିତ ହୋଇଥିଲେ । ଏହି କ୍ରୁଶର ବାର୍ତ୍ତାବାହକମାନଙ୍କୁ

କାରାଗାରରେ ନିକ୍ଷିପ୍ତ କରି 'କ୍ରୁଶର କଥା'କୁ ଲୋପ କରିବା ପାଇଁ ଯିହୂଦୀମାନେ ଚେଷ୍ଟା କଲେ । (ପ୍ରେରିତ ୪:୧-୧୨) କିନ୍ତୁ କାରାଗାର ସୁଦ୍ଧା, କ୍ରୁଶର ବାର୍ତ୍ତାକୁ ବାନ୍ଧି ରଖି ପାରି ନଥିଲା । କ୍ରୁଶର କଥାରେ ବିଶ୍ୱାସ କରି ଆଜ୍ଞାବହ ହୋଇବା ଲୋକଙ୍କ ସଂଖ୍ୟା ପାଞ୍ଚ ହଜାରକୁ ବଢ଼ିବାକୁ ଲାଗିଲା । କ୍ରୁଶର କଥାର ପ୍ରଚାରଣ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଅନେକ ପୁରୁଷ ଓ ସ୍ତ୍ରୀ ବାପ୍ତିଜିତ ହୋଇ ମଣ୍ଡଳୀରେ ସଂପୃକ୍ତ କରାଗଲେ । (ପ୍ରେରିତ ୫:୧୪)

କ୍ରୁଶର କଥାକୁ ନୀରବ ରଖିବାର ଚେଷ୍ଟାରେ ଯିହୂଦୀମାନେ ବିପ୍ଳବ ହୋଇ ମଣ୍ଡଳୀ ଉପରେ ତାଡ଼ନା ଘଟାଇଥିଲେ । ମଣ୍ଡଳୀକୁ ତାଡ଼ନା ଘଟିବା ଦ୍ୱାରା ଖ୍ରୀଷ୍ଟିୟାନମାନେ ଯିହୂଦା ପ୍ରଦେଶ ଧ ।ମିରୋଣ ଅଞ୍ଚଳ ସମୂହରେ ଛିନ୍ନଭିନ୍ନ ହୋଇଗଲେ । (ପ୍ରେରିତ ୮:୧) ଏତଦ୍ଦ୍ୱାରା 'କ୍ରୁଶର କଥା'ର ଲୋପ ପାଇବ ବୋଲି ସେମାନେ ମନେ କଲେ । କିନ୍ତୁ ଏହି ତାଡ଼ନା କ୍ରୁଶର କଥା ଅଧିକ ବ୍ୟାପୀ ଯିବାରେ ସାହାଯ୍ୟ କରିଥିଲା । (ପ୍ରେରିତ ୮:୪-୮୮) ତାଡ଼ନା ଯୋଗୁଁ ଶମିରୋଣୀୟମାନେ ମଧ୍ୟ 'କ୍ରୁଶର କଥା' ଶୁଣିବାକୁ ସୁଯୋଗ ପାଇଥିଲେ ।

ଯିରୁଶାଲମରେ ରହିଯାଇଥିବା ପ୍ରେରିତମାନେ ଏହି ବିଷୟରେ ବ୍ୟତିବ୍ୟସ୍ତ ହୋଇ ପ୍ରେରିତ ଓ ଯୋହନକୁ ଶମିରୋଣ ପଠାଇଥିଲେ । ସେମାନେ ଖ୍ରୀଷ୍ଟଙ୍କ ସୁସମାଚାର ସେଠାରେ ପ୍ରଚାରିତ ହେବା ଦେଖି ଆନନ୍ଦିତ ହେଲେ ଏବଂ ଆପେ ସେଠାର ଗ୍ରାମରେ ଖ୍ରୀଷ୍ଟଙ୍କ ସୁସମାଚାର ଘୋଷଣା କରିବାର ସମୟ ଉପସ୍ଥିତ ହେଲେ (ପ୍ରେରିତ ୧:୮) ।

ବିଜାତୀୟମାନଙ୍କ ପାଖରେ ସୁସମାଚାର ପ୍ରଚାର କରିବାର ପ୍ରଥମ ସୁଯୋଗ ପିତର ପାଇଥିଲେ । ସୁସମାଚାର ସମସ୍ତ ଜାତି ଓ ସମସ୍ତ ଦେଶବାସୀ ନିମନ୍ତେ ବୋଲି ପିତରଙ୍କୁ ଜ୍ଞାତ କରିବା ନିମନ୍ତେ, ପ୍ରଭୁ ତିନିଥର ପିତରଙ୍କୁ ସ୍ୱପ୍ନ ଦ୍ୱାରା ଜଣା ଜଣାଇଥିଲେ (ପ୍ରେରିତ ୧୦:୧-୬) । ଖ୍ରୀଷ୍ଟଙ୍କ ଦ୍ୱାରା ଦତ୍ତ ପରିତ୍ରାଣ, ବିଜାତୀୟମାନଙ୍କ ପ୍ରତି ନିର୍ଦ୍ଦିଷ୍ଟ ହୋଇ ଅଛି ବୋଲି ଯିହୂଦୀମାନଙ୍କୁ ବିଶ୍ୱାସ କରିବା କଷ୍ଟକର ଥିଲା । କର୍ଣ୍ଣାଲୀୟ ଓ ତାହାଙ୍କ ପରିବାରଙ୍କୁ ପିତର ସୁସମାଚାର ପ୍ରଚାର କରି ଯିରୁଶାଲମକୁ ଫେରିବା ପରେ, ସେଠାସ୍ଥ ଯିହୂଦୀ ଭାଇମାନେ ପିତରଙ୍କଙ୍କର ପ୍ରତିବାଦ କରିଥିଲେ । କିନ୍ତୁ କର୍ଣ୍ଣଲୀୟ ଓ ତାହାଙ୍କ ପରିବାରଙ୍କ ପରିବର୍ତ୍ତନର କାହାଣୀ ଶୁଣି ସେମାନଙ୍କ ହୃଦୟରେ ଆନନ୍ଦରେ ପରିପୂର୍ଣ୍ଣ ହୋଇଥିଲା ।

ଯେଉଁ ପାଉଲ ମଣ୍ଡଳୀକୁ ନାନା ତାଡ଼ନା କରୁଥିଲେ । ସେ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କ ସୁସମାଚାର ବାହକ ଦ୍ୱାରା ସହସ୍ର ଲୋକଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କ କ୍ରୁଶର କଥା ପ୍ରଚାରିତ ହୋଇଥିଲା ଅନେକ ଖ୍ରୀଷ୍ଟଙ୍କ ପ୍ରତି ଫେରିଲେ ଏବଂ ରୋମୀୟ ସାମ୍ରାଜ୍ୟରେ ଅନେକ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇ ପାଇଥିଲା । ତାହାଙ୍କ ଜୀବନକାଳରେ ପୃଥିବୀପ୍ରାନ୍ତ ପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କ କ୍ରୁଶର କଥା ପ୍ରଚାରିତ ହୋଇଥିବା । (କଲସୀ ୧:୬,୨୩) ତଥାପି ଅବିଶ୍ୱାସୀ ଯିହୂଦୀମାନେ ଖ୍ରୀଷ୍ଟଙ୍କ କ୍ରୁଶର କଥାକୁ ପ୍ରତିରୋଧ କରିଥିଲେ (କଲସୀ ୧:୬,୨୩) । ଖ୍ରୀଷ୍ଟଙ୍କ କ୍ରୁଶର କଥା ପ୍ରଚାରକମାନଙ୍କୁ ସେମାନେ ହତ କରିଥିଲେ ସୁଧା, ଖ୍ରୀଷ୍ଟଙ୍କ କ୍ରୁଶର କଥାକୁ ସେମାନେ ଧ୍ୱଂସ

କରି ପାରିନଥିଲେ ।

ଆମ୍ଭମାନଙ୍କ ପରବର୍ତ୍ତୀ ଜନସମାଜ ଖ୍ରୀଷ୍ଟଙ୍କ କ୍ରୁଶର କଥା ଶୁଣିବା ପୂର୍ବେ, ତାହା କି ଏବେ ବିଲୁପ୍ତ ହେବ ? ପ୍ରଥମ ଶତାବ୍ଦୀରେ ଯେଉଁ ଆଗ୍ରହ ସହିତ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାରିତ ହୋଇଥିଲା, ସେହିପରିଭାବେ ପ୍ରଚାରିତ ନ ହେଲେ, ଯେଉଁ କାର୍ଯ୍ୟ ଯିହୁଦୀମାନେ କରିପାରିନଥିଲେ, ଖ୍ରୀଷ୍ଟିୟାନମାନେ ତାହା କରିବାରେ ସଫଳ ହେବେ । ଖ୍ରୀଷ୍ଟଙ୍କ କ୍ରୁଶର କଥା ବିନାଶ ପ୍ରାପ୍ତ ହେବା ଲୋକ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ । ଏହି ଶକ୍ତି ଯୁକ୍ତ କଥା ଦୀର୍ଘ ଦୁଇହଜାର ବର୍ଷରୁ ମୃତ୍ତିକା ପାତ୍ର ଗୁଡ଼ିକରେ ସଞ୍ଚିତ ହୋଇଆସୁଅଛି । ଆମ୍ଭେମାନେ ଯଦି ଖ୍ରୀଷ୍ଟଙ୍କ କଥା ପ୍ରଚାର ନ କରୁ, କିଏ କରିବ ? ସ୍ୱର୍ଗାରୋହଣ ପୂର୍ବରୁ ଖ୍ରୀଷ୍ଟ କହିଲେ, "……….. ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ଜାତି ନିକଟରେ ସୁସମାଚାର ଘୋଷଣା କର ।" ଖ୍ରୀଷ୍ଟଙ୍କ ଏହି ଆଜ୍ଞା ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ପାଳନ କରିଥିଲେ । ଆସ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ଏହି ଆଜ୍ଞା ପାଳନ କରିବାରେ ତତ୍ପର ହେବା ।

**- James S. Rickard**

❋❋❋

# ଈଶ୍ୱରଙ୍କ ବାକ୍ୟ
## (The Word of God)

ଖ୍ରୀଷ୍ଟିୟାନମାନେ ଫଳ ଫଳିବା ନିମନ୍ତେ ଆହୂତ ହୋଇଅଛନ୍ତି । ଫଳ ଫଳିବା ନିମନ୍ତେ ପ୍ରଥମେ ବୀଜ ବପନ ଆବଶ୍ୟକ । ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଈଶ୍ୱରଙ୍କ ବାକ୍ୟ ହିଁ ବୀଜ ଅଟେ ।

ମନୁଷ୍ୟମାନଙ୍କ ହୃଦୟରେ ସ୍ଥାନ ପାଇଥିବା ବାକ୍ୟର ଧ୍ୟାନ ଦ୍ୱାରା ମନୁଷ୍ୟ ଖ୍ରୀଷ୍ଟିୟାନ ଜୀବନ ନିମନ୍ତେ ଶକ୍ତି ସଂଗ୍ରହ କରେ । "……….ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆମୋଦ ଥାଏ ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ, ସେ ଧନ୍ୟ, ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ, ଯାହାର ପତ୍ର ହିଁ ମଳିନ ହୁଏ ନାହିଁ, ଏପରି ବୃକ୍ଷ ସଦୃଶ୍ୟ ହେବ, ପୁଣି, ସେ ଯାହା କରେ, ତାହା ସଫଳ ହେବ ।" (ଗୀତ ୧:୨-୩)

ଏହି ବାକ୍ୟରେ, ଫଳପ୍ରଦ ଖ୍ରୀଷ୍ଟିୟାନ ଜୀବନର ସୂତ୍ର ସୁସ୍ପଷ୍ଟ ହୁଏ :- ଦିବାରାତ୍ର ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା । ତତ୍‌ଫଳେ, ନଦୀତୀରର ବୃକ୍ଷ ନ ଶୁଖି ଯେପରି ଫଳ ଫଳିବା ପାଇଁ ବୃଦ୍ଧି ପାଏ ଏବଂ ଫଳ ଉତ୍ପାଦନ କରେ ସେହିପରି ବାକ୍ୟ ଧ୍ୟାନକାରୀମାନେ ଈଶ୍ୱରଙ୍କ ନିମନ୍ତେ ଫଳ ଉତ୍ପାଦନ କରନ୍ତି । ତୃତୀୟରେ ଯେଉଁ ବୃକ୍ଷର ପତ୍ର ମଳିନ ନ ହୁଏ ତାହାର

ସଦୃଶ୍ୟ ସୁନ୍ଦର, ସବୁଜ ଖ୍ରୀଷ୍ଟିୟାନମାନେ ଯେଉଁ କାର୍ଯ୍ୟ କରନ୍ତି ସଫଳ ହୁଅନ୍ତି ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଦିନକୁ ଦିନ ଖ୍ରୀଷ୍ଟଙ୍କ ଜ୍ଞାନରେ ବୃଦ୍ଧି ପାଇବା ଆବଶ୍ୟକ । ଏକ ଶିଶୁର ବୃଦ୍ଧି ନିମନ୍ତେ ଶାରୀରିକ ଖାଦ୍ୟ ଯେପରି ଆବଶ୍ୟକ, ଆତ୍ମୀୟ ଶିଶୁମାନଙ୍କ ବୃଦ୍ଧି ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଆବଶ୍ୟକ । ଏଫିସୀ ମଣ୍ଡଳୀର ପ୍ରାଚୀନମାନଙ୍କ ପ୍ରେରିତ ପାଉଲ କହନ୍ତି, ''ଏବେ ମୁଁ ତୁମ୍ଭମାନଙ୍କୁ ପ୍ରଭୁଙ୍କ ଠାରେ ଓ ତାହାଙ୍କ ଅନୁଗ୍ରହର ବାକ୍ୟ ନିକଟରେ ସମର୍ପଣ କରୁଅଛି, ସେ ତୁମ୍ଭମାନଙ୍କୁ ନିଷ୍ଠାବାନ୍ କରିବା ନିମନ୍ତେ ଓ ପବିତ୍ରୀକୃତ ସମସ୍ତଙ୍କ ମଧ୍ୟରେ ଅଧିକାର ଦେବା ନିମନ୍ତେ ସମର୍ଥ ଅଟନ୍ତି ।'' (ପ୍ରେରିତ ୨୦:୩୨)

ଆଦି ଖ୍ରୀଷ୍ଟିୟ ସମାଜରେ ଅନେକ ଭ୍ରାନ୍ତ ଶିକ୍ଷା ସ୍ଥାନ ପାଇଅଛି । ବାକ୍ୟଧ୍ୟାନ ଦ୍ୱାରା ଆମ୍ଭେମାନେ ଭ୍ରାନ୍ତ ଶିକ୍ଷା ଠାରୁ ଓ ପାପ ଠାରୁ ଆପଣାକୁ ପୃଥକ୍ ରଖି ପାରିବା ।

''କିନ୍ତୁ ଦୁଷ୍ଟ ଲୋକେ ଓ ପ୍ରବଞ୍ଚକମାନେ ଭ୍ରାନ୍ତି ଜନ୍ମାଇ ଓ ଭ୍ରାନ୍ତ ହୋଇ ଅଧିକରୁ ଅଧିକ ଦୁଷ୍ଟ ହୋଇ ଉଠିବେ । କିନ୍ତୁ ତୁମ୍ଭେ ଯାହା ଯାହା ଶିକ୍ଷା କରିଅଛ, ଆଉ ଯେ ସମସ୍ତ ବିଷୟର ନିଶ୍ଚିତବୋଧ ପାଇଅଛ, ସେ ସବୁରେ ସ୍ଥିର ହୋଇ ରହିଥାଅ, କାରଣ ତୁମ୍ଭେ ଜାଣୁଅଛ, କେଉଁମାନଙ୍କ ଠାରୁ ସେହିସବୁ ଶିକ୍ଷା କରିଅଛ, ପୁଣି ଯେଉଁ ଧର୍ମଶାସ୍ତ୍ର ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବିଶ୍ୱାସ ଦ୍ୱାରା ତୁମ୍ଭଙ୍କୁ ପରିତ୍ରାଣଜନକ ଜ୍ଞାନ ଦେବାକୁ ସମର୍ଥ, ତାହା ତୁମ୍ଭେ ବାଲ୍ୟକାଳରୁ ଜ୍ଞାତ ଅଛ । ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।'' (୨ୟ ତୀମଥି ୩:୧୩-୧୭)

ଈଶ୍ୱରଙ୍କ ବାକ୍ୟ ଧ୍ୟାନ ନ କରିବାରେ ଅବହେଳା କଲେ ମନୁଷ୍ୟ ଭ୍ରାନ୍ତ ଶିକ୍ଷାର ଶିକାର ହୁଏ । ଶୟତାନ ସେମାନଙ୍କ ହୃଦୟରେ ଅଜାଣତରେ ପ୍ରବେଶ କରିଥାଏ । ଏପରି ଆପଦରୁ ଆପଣାକୁ ଆମେ କିପରି ରକ୍ଷା କରିବା ଗୀତରଚକ ଆମ୍ଭମାନଙ୍କୁ ଜଣାନ୍ତି, ''ମୁଁ ଯେପରି ତୁମ୍ଭ ପାପ ନକରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ।'' (ଗୀତ ୧୧୯:୧୧)

ଆପଣଙ୍କ ଖ୍ରୀଷ୍ଟିୟାନ ଜୀବନ ନିଷ୍ଫଳ ହେବା କି ଆପଣ ଇଚ୍ଛା କରନ୍ତି ? ତା'ହେଲେ ଈଶ୍ୱରଙ୍କ ବାକ୍ୟ ଧ୍ୟାନରେ ଅବହେଳା ନକଲେ ଆପଣ ଆପଣା ଲକ୍ଷ୍ୟ ସାଧନ କରିପାରିବେ ! ଯଦି ଆପଣ ଫଳପ୍ରଦ ଜୀବନ ଓ ନିତ୍ୟ ଜୀବନ ଆକାଂକ୍ଷା କରନ୍ତି, ଈଶ୍ୱରଙ୍କ ବାକ୍ୟ ଧ୍ୟାନ ଆପଣଙ୍କ ଦୈନିକ ଜୀବନର ଶ୍ରେଷ୍ଠ ସ୍ଥାନ ପାଉ ।

**- Tom Keton**

❀❀❀

**Edited & Published by : Kabita & Joshua Gootam**

# THE DIMENSIONS OF GOD'S LOVE

Ephesians 3:17-19

***INTRODUCTION :***

1. Love is the most powerful thing in the world.
2. Love is greater than faith and hope (1 Corinthians 13).
3. It was because of love that God sent his own Son to the world (John 3:16).
4. Therefore God has commended his love toward us (Romans 5:8).
5. Love reaches out in every direction. (Ephesians 3:17-19).

***DISCUSSION :***

I. Breadth of God's Love.

1. Breadth means width, extent of, or the largeness. of a thing.
2. God's love is so broad that it covers the whole world. (John 3:16).
    a. Christ laid down his life for us. (John 15:13).
    b. He shed his blood for us. (Matthew 26:28).
3. God's love is great. (Ephesians 2:4).
4. God is love. (1 John 4:8).
    a. He may be described by love.
    b. He acts by love.
    c. The only way to think of him is by love.

II. Length of God's Love.

1. It is from everlasting to everlasting. (Jeremiah 31:3).
2. It reaches out to the ends of the earth. (Mark 16:15, 16).
3. It is suffering. (2 Peter 3:9).

III. Depth of God's Love.

1. It reaches down to the lowest of sinners. (Romans 5:8).
2. Christ laid down his life for the sinner. (John 10:17).
3. God's love will reach down into the grave to raise up the righteous unto everlasting life. (John 5:28, 29).

IV. Height of God's Love.

1. It is as high as heaven
2. It reaches up to God.
3. The righteous shall dwell with God. (Matthew 5:8).

*CONCLUSION :*

1. Love is powerful. (2 Timothy 1:7).
2. The Love of God for man does many things.
   a. Provides salvation for him.
   b. Gives him hope.
3. Man's love for God leads to many things.
   a. Obedience. (John 14:15).
   b. Love of neighbour. (Matthew 22:39).
   c. Love of enemy. (Matthew 5:44).
   d. Love leads to work. (1 Thessalonians 1:3).
   e. Love casts out fear. (1 John 4:18).
   f. Love brings everlasting consolation. (2 Thessalonians 2:16).
4. Nothing can separate us from the love of God. (Romans 8:35).
5. The love of God passeth all understanding. (Ephesians 3:19).

- J.C. Choate

From:
SATYA VANI
P.O. BOX 80,
KAKINADA - 533 001

Printed Book Only

To

(For Private Circulation Only)